# Akashvani, Sambalpur

## SAMBALPURI NEWS BULLETIN

### 17 September 2025 - 6.47- 6.52 am.

*********************************************

ସୁସ୍ଥ ନାରୀ - ସଶକ୍ତ ପରିବାର୍ ଅଭିଯାନ ଏନ୍ଏସ୍ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ମଧ୍ୟପ୍ରଦେଶ୍‌ର ଧାର୍ ଜିଲ୍ଲା ନ ସୁସ୍ଥ ନାରୀ - ସଶକ୍ତ ପରିବାର୍ ଅଭିଯାନ୍‌ର ଶୁଭାରମ୍ଭ କର୍‌ବେ । ଇ ଅଭିଯାନ୍ ଜରିଏ ସାରା ଦେଶେ ଭିନ୍ ଭିନ୍ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍ ମାନ୍‌କେ ମହିଳାମାନ୍‌କର୍ ସ୍ୱାସ୍ଥ୍ୟର୍ ଯାଂଚ୍ କରାଯିବା । ଇ ଅଭିଯାନ୍ ଅକ୍ଟୋବର୍ ୨ ତାରିଖ୍‌ତକ୍ ଚାଲ୍‌ବା । ଇ ଅବ୍‌ସରେ ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରଣାଳୟ ତର୍‌ଫୁ ପୋଷଣ ମାସ ଅଭିଯାନ୍‌ର ଭିଲ୍ ଶୁଭାରମ୍ଭ କରାଯିବା ।

ସୁସ୍ଥ ନାରୀ ସଶକ୍ତ ପରିବାର୍ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ଠାନେ ହେବା । ଇଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପ୍ରମୁଖ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ସ୍ୱଚ୍ଛତା ହିଁ ସେବା          ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱଚ୍ଛତା ହିଁ ସେବା-୨୦୨୫ ଅଭିଯାନ୍ ଆଏଜ୍‌ଠାନୁ ସାରା ଦେଶେ ମୁଲ୍ ହେବାର୍‌କେ ଯାଉଛେ । ଇ ଅଭିଯାନ୍ ୧୫ ଦିନ୍‌ତକ୍ ଚାଲ୍‌ବା ଆଉ ଅକ୍ଟୋବର୍ ୨ ତାରିଖ୍ ଦିନ ଶେଷ୍ ହେବା । ଅଭିଯାନ୍‌ର ମୁଖ୍ୟ ଲକ୍ଷ୍ୟ ହେଉଛେ, ସ୍ୱଚ୍ଛତା ଲାଗି ସମ୍ମିଲିତ୍ ଉଦ୍ୟମ୍‌ର ଆବଶ୍ୟକତା ଉପ୍‌ରେ ଲୁକ୍‌କୁ ସଚେତନ୍ କର୍‌ବାର୍ । ଇ ଅବ୍‌ସରେ ଗାଁ ଆଉ ସହର୍ ଇଲାକା ନ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା । ଆଏବା ୨୫ ତାରିଖ୍ ଦିନ ସାରା ଦେଶେ ସ୍ୱେଚ୍ଛାସେବୀ ଶ୍ରମଦାନ୍ 'ଏକ୍ ଦିନ୍- ଏକ୍ ଘଂଟା- ଏକ୍ ସାଥ୍' କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯିବା ।
ଇ ଅବ୍‌ସରେ ଆଏଜ୍ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସେବା ପକ୍ଷ ମୁଲ୍ ହେବା । ଆଏଜ୍‌ଠାନୁ ଅକ୍ଟୋବର୍ ୨ ତାରିଖ୍‌ତକ୍ ସାରା ରାଏଜେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା ।

ଧନ୍ୟବାଦ୍ ମୋଦୀ କାର୍ଯ୍ୟକ୍ରମ       I&PR

ସୁଭଦ୍ରା ଯୋଜ୍‌ନା ସଫଲତାର୍ ସହେତେ ଆଏଜ୍ ଗୁଟେ ବଛର୍ ପୁରା କରିଛେ । ଇ ଅବ୍‌ସରେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସାରା ରାଏଜେ ଖାସ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଉଛେ । ପ୍ରଧାନ୍‌ମନ୍ତ୍ରୀ

ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜନାବାର୍ ଲାଗି ସୁଭଦ୍ରାର୍ ବଛର୍ ପୂର୍ତି ଅବ୍‌ସରେ ରାଜ୍ୟର୍ ୩ ଶହ ୩୮ ଟା ସିଡ଼ିପିଓ ୟୁନିଟ୍ ନ ଧନ୍ୟବାଦ୍ ମୋଦୀ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଉଛେ । ସୂଚ୍‌ନା ଅନ୍‌ସାରେ ଗଲା ବଛ୍‌ରେ ଭିତ୍‌ରେ ୩ ଟା କିସ୍ତିଥି ୧ କୋଟିନୁ ଅଏତ୍‌କା ମହିଳାଙ୍କୁ ୧୫ ହଜାର୍ କୋଟିନୁ ଅଏତ୍‌କା ଆର୍ଥିକ୍ ସାହାଜ୍ ଯୁଗେଇ ଦେଇକରି ସଶକ୍ତ, ସମୃଦ୍ଧ ଆଉ ସ୍ୱାବଲମ୍ବୀ କରାଯାଇପାରିଛେ ।

ସେଆଡ଼େ ଅଙ୍ଗନବାଡ଼ି କେନ୍ଦ୍ରସ୍ତର୍ ନ ଆଏଜ୍‌ଠାନୁ ପୋଷଣ୍ ମାସ୍ ଭିଲ୍ ମୁଲ୍ ହେବା ।

ଏକ୍ ପେଡ୍ ମା କେ ନାମ୍ I&PR

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍ ଦିନ୍ ଉଧେ ଆଏଜ୍ ରାଏଜେ ୭୫ ଲାଖ୍ ଗଛ୍ ଜଗାଯିବା । ଜଙ୍ଗଲ୍ ବିଭାଗ୍ ତର୍‌ଫୁ ସାରା ରାଏଜେ ଭିନ୍ ଭିନ୍ ବିଭାଗ୍ ଜରିଏ ଗଛ୍ ଜଗାଯିବା । ଅଭିଯାନ୍‌ର ପହେଲା ଖେପେ ରାଏଜେ ୬ କୋଟି ୭୨ ଲାଖ୍ ଗଛ୍ ଜଗାଯାଇଥିଲା ବେଲେ ୨ ନମ୍ବର୍ ଖେପ୍‌ଥି ଇ ବଛର୍ ସାଢ଼େ ୭ କୋଟି ଗଛ୍ ଜଗାବାର୍ ଲକ୍ଷ୍ୟ ରଖାଯାଇଛେ । ସାରା ଦେଶେ ଇଟା ଆଏଜ୍ ଜନ ଆନ୍ଦୋଳନ୍‌ଥି ପରିଣତ୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୁଟେ ବାର୍ତାଥି କହିଛନ୍ ।

ସୂଚ୍ନା ଅନ୍ସାରେ ପ୍ରଧାନ୍ମନ୍ତ୍ରୀଙ୍କର୍ ଜନମ୍ ଦିନ୍ ଅବ୍ସରେ ଆଏଜ୍ ସାରା ଦେଶେ ଦେଢ୍ କୋଟି ଗଛ୍ ଜଗାଯିବା ।

ପ୍ରଧାନ୍ମନ୍ତ୍ରୀ ଜନମ୍ଦିନ୍- ସୂଧାମୂର୍ତି       ଏନ୍ଏସ୍ଡି

ଗୁଟେ ସାଦାସିଧା ପରିବାର୍ନୁ ଆସିକରି ସରଲ୍ ଆଉ ନମ୍ର ଜୀବନ୍ଠାନୁ ପୁର୍ଥିର୍ ସବୁନୁ ପ୍ରଭାବଶାଲୀ ରାଜନୈତିକ୍ ବ୍ୟକ୍ତିତ୍ୱ ହେବାର୍ତକ୍ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଯାତ୍ରା ଅସାଧାରଣ୍ ରହିଛେ । ଭାରତ୍ର ପ୍ରଧାନ୍ମନ୍ତ୍ରୀ ଭାବେ ତାଙ୍କର୍ ନେତୃତ୍ୱ ପ୍ରଶଂସା ଆଉ ଜିଜ୍ଞାସା ବଢ଼େଇଛେ ବଲି ବିଶିଷ୍ଟ ସମାଜସେବୀ ଆଉ ରାଜ୍ୟସଭା ସାଂସଦ୍ ପଦ୍ମ ଭୂଷଣ୍ ସୁଧା ମୂର୍ତି କହିଛନ୍, ୭୫ ବଛର୍ ବୟେସେ ଭିଲ୍ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଟେ ଯୁଆନ୍ ପିଲା ବାଗିର୍ କାମ୍ କରି ଚାଲିଛନ୍ ବଲି ପ୍ରଧାନ୍ମନ୍ତ୍ରୀଙ୍କର୍ ଜନମ୍ଦିନ୍ ଅବ୍ସରେ ଶ୍ରୀମତୀ ମୂର୍ତି କହିଛନ୍ ।

ବିଶ୍ୱକର୍ମା ପୂଜା       ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କର୍ ପୂଜା । ଆଏଜ୍ ଦେଶର୍ ସବୁ କାରିଗରି ଆର୍ ବୈଷୟିକ ସଂସ୍ଥା, ଶିଳ୍ପାନୁଷ୍ଠାନ୍ ଆଉ କଲ୍କାର୍ଖାନାମାନ୍କେ ବିଶ୍ୱକର୍ମାଙ୍କର୍ ପୂଜା କରାଯାଉଛେ । ଘର୍ମାନ୍କେ ଆଏଜ୍ ଗାଡ଼ିମଟର୍ ଆଉ ବେଭାର୍ ହେଉଥିବାର୍ ଛୋଟ୍

ବଡ଼ ମିସିନ୍ ମାନ୍‌କୁ ପୂଜା କରଯିବା । ପଶ୍ଚିମ ଓଡ଼ିଶାର୍ ଶିଳ୍ପ ସହର୍ ହୀରାକୁଦ୍, ଝାର୍‌ସୁଗୁଡ଼ା, ବ୍ରଜରାଜନଗର୍, ରାଉର୍‌କେଲା, ବେଲପାହାଡ଼, ରାଜ୍‌ଗାଙ୍ଗ୍‌ପୁର୍, ଲାଞ୍ଜିଗଡ୍ ଆର୍ ଅଲ୍‌ଗା ଜାଗା ମାନ୍‌କେ ବିଶ୍ୱକର୍ମା ପୂଜାର୍ ଲାଗି ଜବର୍ ଆୟୋଜନ୍ କରାଯାଇଛେ ।

ଜିଏସ୍‌ଟି ଆର୍‌ଏନ୍‌ୟୁ/ କଟକ୍

ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍ ଉତ୍‌ରୁ ସାରା ଦେଶେ ଉସ୍‌ନାକି ଦେଖାଦେଇଛେ । ସବୁ ମହଲ୍‌ନୁ ଇତାକେ ସ୍ୱାଗତ୍ କରାଯାଇଛେ । ଜିଏସ୍‌ଟି ସଂସ୍କାର୍‌ଥି କେନ୍ଦ୍ର ସର୍‌କାର୍ କୃଷି କ୍ଷେତ୍ରଥି ବହୁତ୍‌ଟେ ଜିନିଷ୍ ଶସ୍ତା କର୍‌ବାର୍‌କେ ଯାଉଛନ୍ । ୧୮ ଶହ ସି.ସି. ନୁ କମ୍ କ୍ଷମତାର୍ ଟ୍ରାକ୍ଟର୍ ଉପ୍‌ରେ ଜିଏସ୍‌ଟି ଦର୍ ୧୨ ପ୍ରତିଶତ୍‌ନୁ ୫ ପ୍ରତିଶତ୍‌କେ କମ୍ କରାଯାଇଥିଲା ବେଲେ ଟାୟାର୍, ଟ୍ୟୁବ୍, ହାଇଡ୍ରୋଲିକ୍ ପମ୍ପ ଆଉ ଅଲ୍‌ଗା ଦରବ୍ ଉପ୍‌ରେ ଭିଲ୍ ଜିଏସ୍‌ଟି ଦର୍ ୧୮ ନୁ ୫ ପ୍ରତିଶତ୍‌କେ କମ୍ କରିଛନ୍ । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ କହିଛନ୍, ଜିଏସ୍‌ଟି ପରିଷଦ୍ ବୈଠକ୍‌ଥି ଆନୁସଙ୍ଗିକ୍ ଶିଳ୍ପକେ ପ୍ରାଧାନ୍ୟ ଦିଆଯାଇଛେ । ଇ ପରିବର୍ତ୍ତନ୍ ଛୋଟ ଆଉ ନାମମାତ୍ର ଚାଷୀମାନ୍‌କର୍ ଲାଗି ବହୁତ୍‌ଟେ ଲାଭ୍ ଆନିଦେବା ।

ଏକକ ଓଡ଼ିଆ ଭାଷା ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

୮ ଆଉ ୧୦ ଷ୍ଟାଣ୍ଡାର୍ଡ଼ର ଏକକ ଓଡ଼ିଆ ଭାଷା ପରୀକ୍ଷା ଲାଗି ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଇଥିର୍‌ଲାଗି ଲିଖିତ୍ ପରୀକ୍ଷା ଅକ୍ଟୋବର୍ ୧୯ ତାରିଖ୍ ଦିନ ହେବା । ଇଚ୍ଛୁକ ପ୍ରାର୍ଥୀମାନେ ଆଏବା ୨୦ ତାରିଖ୍‌ନୁ ବୋର୍ଡ଼ ଓ୍ୱେବ୍‌ସାଇଟ୍‌ନୁ ଆବେଦନ୍ ଫର୍ମ ଡାଉନ୍‌ଲୋଡ଼୍ କରିପାର୍‌ବେ ।

ସାଇବର୍ ଠକେଇ ସଚେତନତା କାର୍ଯ୍ୟକ୍ରମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଲୁଣିବାହାଲ୍ ସର୍‌କାରୀ ଉଚ୍ଚ ବିଦ୍ୟାଳୟ ଠାନେ ସାଇବର୍ ଅପରାଧ୍ ଆଉ ସାମାଜିକ୍ ଗଣମାଧ୍ୟମ୍ ଜରିଏ ହେଉଥିବା ଠକେଇନୁ ସୁରକ୍ଷା ଉପ୍‌ରେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ସାଇବର୍ ଠକେଇ ଆଉ ସାଇବର୍ ଅପରାଧ୍ ନୁ କେନ୍ତା ହିସାବେ ସୁରକ୍ଷିତ୍ ରହିହେବା ସେ ବାବ୍‌ଦେ ଅତିଥି ମାନେ ଲୁକ୍‌କୁ ବୁଝେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ଆଏବା ଶୁକ୍ରବାର୍ ଦିନ ଆଉଗୁଟେ ଘୂର୍ଣ୍ଣିବଳୟ ହେବାର୍ ସମ୍ଭାବନା ଅଛେ । ଇତାର୍ ପ୍ରଭାବ୍ଥି ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ କେତେ ଜାଗା ନ ଘଡ୍ଘଡ଼ି ସହେତେ ବର୍ଷା ହେଇପାରେ । ଇ ସମିଆଥି ସମ୍ବଲ୍ପୁର, ସୁନ୍ଦର୍ଗଡ୍, ଝାର୍ସୁଗୁଡ଼ା, ଦେବ୍ଗଡ୍, ବର୍ଗଡ୍ ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲାକେ ଘଡ୍ଘଡ଼ି ଆଉ ବିଜ୍ଲି ମାରିପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।